# NATIONAL NEWS BULLETIN (ODIA)
## 11 June - 2024
## Evening Bulletin : 7.15 p.m.

**********************************

## ମୁଖ୍ୟ ସମ୍ବାଦ

- କେନ୍ଦୁଝର ବିଧାୟକ ମୋହନ ଚରଣ ମାଝୀ ଓଡ଼ିଶାର ବିଜେପି ବିଧାୟକ ଦଳ ନେତା ମନୋନୀତ ।

– ଆସନ୍ତାକାଲି ସନ୍ଧ୍ୟାରେ ମୁଖ୍ୟମନ୍ତ୍ରୀ ଭାବେ ନେବେ ଶପଥ ।

- ମାଣ୍ଡୋଲା ପାଓ୍ୱାରଗ୍ରିଡ୍‌ରେ ଅଗ୍ନିକାଣ୍ଡ ଯୋଗୁଁ ରାଜଧାନୀ ଦିଲ୍ଲୀରେ ବିଜୁଳି ସଂକଟ ଗୁରୁତର ।

- ବୈଷ୍ଣୋଦେବୀ ଦର୍ଶନ ପାଇଁ ଆସନ୍ତା ୧୮ ତାରିଖରୁ ଜାମ୍ମୁ-ସାଞ୍ଝି ମଧ୍ୟରେ ଆରମ୍ଭ ହେବ ହେଲିକେପ୍ଟର ସେବା ।

- ଯୋଗ ହେଉଛି ଏକ କାଳଜୟୀ ଅଭ୍ୟାସ ଏବଂ ଏହା ଏକତା ଓ ସୌହାର୍ଦ୍ଦ୍ୟକୁ ପ୍ରତିପାଦନ କରିଥାଏ ।

– କହିଲେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ।

ଏବଂ

- ଦେଶର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହ ଜାରି; ପୂର୍ବ ଏବଂ ଉତ୍ତର ପଶ୍ଚିମାଞ୍ଚଳରେ ଆସନ୍ତା ୪ ଦିନ ୪୫ ଡିଗ୍ରୀ ଯାଏଁ ରହିପାରେ ତାପମାତ୍ରା ।

## ଓଡ଼ିଶା-ସିଏମ୍

କେନ୍ଦୁଝରର ବିଜେପି ବିଧାୟକ ମୋହନ ଚରଣ ମାଝୀ ଓଡ଼ିଶାର ନୂଆ ମୁଖ୍ୟମନ୍ତ୍ରୀ ହେବେ । ଆଜି ଅପରାହ୍ଣରେ ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଏବଂ କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଭୂପେନ୍ଦ୍ର ଯାଦବଙ୍କ ଉପସ୍ଥିତିରେ ରାଜଧାନୀ ଭୁବନେଶ୍ୱର ସ୍ଥିତ ବିଜେପି ରାଜ୍ୟ କାର୍ଯ୍ୟାଳୟରେ ଅନୁଷ୍ଠିତ ବୈଠକରେ ଶ୍ରୀ ମାଝୀଙ୍କୁ ସର୍ବସମ୍ମତ କ୍ରମେ ବିଧାୟକ ଦଳର ନେତା ମନୋନୀତ କରାଯାଇଛି । ବୈଠକରେ ଏ ସମ୍ପର୍କରେ ସୂଚନା ଦେଇ ରାଜନାଥ ସିଂହ କହିଥିଲେ ଯେ, ମୋହନ ଚରଣ ମାଝୀଙ୍କୁ ମୁଖ୍ୟମନ୍ତ୍ରୀ ଭାବେ ମନୋନୀତ କରାଗଲା ଏବଂ ତାଙ୍କ ସହ ଆଲୋଚନା କ୍ରମେ ଦଳର ବରିଷ୍ଠ ନେତା, ପୂର୍ବତନ ମନ୍ତ୍ରୀ ତଥା ପାଟଣାଗଡ଼ ବିଧାୟକ କନକବର୍ଦ୍ଧନ ସିଂହଦେଓ ଏବଂ ନିମାପଡ଼ାର ନବନିର୍ବାଚିତ ବିଧାୟିକା ଶ୍ରୀମତୀ ପ୍ରଭାତୀ ପରିଡ଼ାଙ୍କୁ ଉପମୁଖ୍ୟମନ୍ତ୍ରୀ କରାଯିବା ପାଇଁ ନିଷ୍ପତ୍ତି ନିଆଯାଇଛି ।

ସୂଚନା ଯୋଗ୍ୟ ଗତ ୪ ତାରିଖରେ ପ୍ରକାଶିତ ନିର୍ବାଚନ ଫଳାଫଳ ଅନୁସାରେ ଓଡ଼ିଶା ବିଧାନସଭାର ୧୪୭ ଆସନରୁ ଭାରତୀୟ ଜନତା

ପାର୍ଟି ସର୍ବାଧିକ ୭୮ଟି ଆସନରେ ବିଜୟଲାଭ କରିଥିଲା । ଆଜି ବିଧାୟକଦଳର ନେତା ମନୋନୟନ ପରେ ସନ୍ଧ୍ୟାରେ ଶ୍ରୀ ମାଝୀଙ୍କ ନେତୃତ୍ୱରେ ବିଜେପି ବିଧାୟକ ଦଳର ପ୍ରତିନିଧିମାନେ ଓଡ଼ିଶାରେ ସରକାର ଗଠନ ପାଇଁ ରାଜ୍ୟପାଳଙ୍କୁ ଭେଟିବାକୁ ଯାଇଛନ୍ତି ।

କେନ୍ଦୁଝର ଜିଲ୍ଲାର ଏକ ସାଧାରଣ ଆଦିବାସୀ ପରିବାରରେ ଜନ୍ମିତ ମୋହନ ଚରଣ ମାଝୀ ପ୍ରଥମେ ସରସ୍ୱତୀ ଶିଶୁ ମନ୍ଦିରରେ ଶିକ୍ଷକତା କରୁଥିଲେ । ଏହା ପରେ ସରପଞ୍ଚ ଭାବେ ସେ ତାଙ୍କର ରାଜନୈତିକ ଜୀବନ ଆରମ୍ଭ କରି ୨୦୦୦, ୨୦୦୪, ୨୦୧୯ ଏବଂ ୨୦୨୪ରେ ବିଜେପିରୁ ବିଧାୟକ ଭାବେ ଓଡ଼ିଶା ବିଧାନସଭାକୁ ନିର୍ବାଚିତ ହୋଇଛନ୍ତି ।

## ଦିଲ୍ଲୀ-ପାୱାର

ଉତ୍ତରପ୍ରଦେଶର ମାଣ୍ଡୋଲା ସ୍ଥିତ ପାୱାରଗ୍ରିଡ୍‌ରେ ଅଗ୍ନିକାଣ୍ଡ କାରଣରୁ ଜାତୀୟ ରାଜଧାନୀ ଦିଲ୍ଲୀ ଗୁରୁତର ଶକ୍ତି ସଂକଟର ସମ୍ମୁଖୀନ ହୋଇଛି । ଦିଲ୍ଲୀର ବିଭିନ୍ନ ସ୍ଥାନରେ ଆଜି ଦିନ ତମାମ ବିଦ୍ୟୁତ୍ କାଟ୍ ଯୋଗୁଁ ସାଧାରଣ ଜନଜୀବନ ବ୍ୟାହତ ହୋଇଛି । ସଂକଟ ଦୂର କରିବା ପାଇଁ ପାୱାର ଗ୍ରିଡ୍ କର୍ପୋରେସନ୍ ଅଫ୍ ଇଣ୍ଡିଆ ଲିମିଟେଡ୍ – ପି.ଜି.ସି.ଆଇ.ଏଲ୍. ଦିଲ୍ଲୀକୁ ୧୫୦୦ ମେଗାୱାଟ୍ ବିଜୁଳିଶକ୍ତି ଯୋଗାଇ ଦେଇଛି । ଦିଲ୍ଲୀ ଶକ୍ତି ମନ୍ତ୍ରୀ ଅତିଶି କହିଛନ୍ତି, ବିଜୁଳିଶକ୍ତି ପୁନର୍ବାହାଲ୍ କାର୍ଯ୍ୟ ଆରମ୍ଭ ହୋଇଯାଇଛି । ଖୁବ୍ ଶୀଘ୍ର ରାଜଧାନୀର ସମସ୍ତ ପ୍ରଭାବିତ

ଅଞ୍ଚଳକୁ ବିଦ୍ୟୁତ୍ ଶକ୍ତି ଯୋଗାଇ ଦିଆଯିବ । କେନ୍ଦ୍ର ଶକ୍ତି ମନ୍ତ୍ରୀ ମନୋହର ଲାଲ ଏବଂ ପି.ଜି.ସି.ଆଇ.ଏଲ୍. ଅଧ୍ୟକ୍ଷଙ୍କ ସହ କଥା ହୋଇ ରାଜଧାନୀରେ ଏଭଳି ବିଜୁଳି ସଂକଟ ଘଟଣାର ପୁନରାବୃତ୍ତି ନ ଘଟିବା ପାଇଁ ଭିତ୍ତିଭୂମି ସୁଦୃଢ଼ କରିବାକୁ ସମୟ ମାଗିବେ ବୋଲି ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ଶକ୍ତିମନ୍ତ୍ରୀ ଅତିଶ କହିଛନ୍ତି ।

## ଜାମ୍ମୁ କାଶ୍ମୀର-ବୈଷ୍ଣୋଦେବୀ

ଆସନ୍ତା ୧୮ ତାରିଖରୁ ତୀର୍ଥ ଯାତ୍ରୀମାନଙ୍କ ପାଇଁ ଜାମ୍ମୁ-ସାଞ୍ଜି ମଧ୍ୟରେ ହେଲିକପ୍ଟର ସେବା ଆରମ୍ଭ କରିବା ପାଇଁ ଶ୍ରୀ ମାତା ବୈଷ୍ଣୋଦେବୀ ମନ୍ଦିର ବୋର୍ଡ ନିଷ୍ପତ୍ତି ନେଇଛି । ବୋର୍ଡର ମୁଖ୍ୟ କାର୍ଯ୍ୟ ନିର୍ବାହୀ ଅଂଶୁଲ୍ ଗର୍ଗଙ୍କ ସୂଚନା ଆଧାରରେ ଆକାଶବାଣୀର ଜାମ୍ମୁ ସମ୍ବାଦଦାତା ଜଣାଇଛନ୍ତି ଯେ ତୀର୍ଥଯାତ୍ରୀମାନଙ୍କ ପାଇଁ ଦୁଇ ପ୍ରକାର ହେଲିକପ୍ଟର ସେବା ବ୍ୟବସ୍ଥା କରାଯାଇଛି । ଦିନିକିଆ ପ୍ରତ୍ୟାବର୍ତ୍ତନ – ଏସ୍.ଡି.ଆର୍. ପାଇଁ ଜଣ ପିଛା ୩୫ ହଜାର ଟଙ୍କା ଏବଂ ପରବର୍ତ୍ତୀ ଦିନ ପ୍ରତ୍ୟାବର୍ତ୍ତନ – ଏନ୍.ଡି.ଆର୍. ପାଇଁ ଜଣ ପିଛା ୫୦ ହଜାର ଟଙ୍କା ଶୁଳ୍କ ଧାର୍ଯ୍ୟ କରାଯାଇଛି । ଏସ୍.ଡି.ଆର୍. ସେବା ବ୍ୟବସ୍ଥାରେ ତୀର୍ଥ ଯାତ୍ରୀଙ୍କୁ ହେଲିପ୍ୟାଡ୍ ପର୍ଯ୍ୟନ୍ତ ବ୍ୟାଟେରୀ କାର୍, ସ୍ୱତନ୍ତ୍ର ଦର୍ଶନ ଓ ପ୍ରସାଦ, ଭୈରୋଁ ମନ୍ଦିରରେ ପ୍ରାର୍ଥନା ସହିତ ବ୍ୟାଟେରୀ କାର୍‌ରେ ହେଲିପ୍ୟାଡ୍‌କୁ ଫେରିବା ଏବଂ ଜାମ୍ମୁ ପର୍ଯ୍ୟନ୍ତ ହେଲିକେପ୍ଟର ସେବା ଯୋଗାଇ ଦିଆଯିବ ।

ଏନ୍.ଡି.ଆର୍. ସେବାରେ ଏହି ସମସ୍ତ ସୁବିଧା ସହିତ ରାତ୍ରି ରହଣି ଏବଂ ଅଟକା ଆରତୀର ସୁଯୋଗ ମିଳିବ ବୋଲି ବୋର୍ଡ ପକ୍ଷରୁ କୁହାଯାଇଛି ।

ସୂଚନା ଯୋଗ୍ୟ ବର୍ତ୍ତମାନ ବୈଷ୍ଣୋଦେବୀଙ୍କ ଦର୍ଶନ ପାଇଁ ତୀର୍ଥଯାତ୍ରୀଙ୍କୁ ଜଣ ପିଛା ୨୧ ହଜାର ଟଙ୍କା ଖର୍ଚ୍ଚରେ କଟାରା ଏବଂ ସାଞ୍ଜି ଚାର୍ଟ୍ ମଧ୍ୟରେ ଦିନିକିଆ ହେଲିକେପ୍ଟର ସେବା ଯୋଗାଇ ଦିଆଯାଉଛି ।

## ମିନିଷ୍ଟର-ଦାୟିତ୍ୱ ଗ୍ରହଣ

ରାଷ୍ଟ୍ରପତିଙ୍କ ଅନୁମୋଦନ କ୍ରମେ କେନ୍ଦ୍ର ମନ୍ତ୍ରିମଣ୍ଡଳର ସଦସ୍ୟଙ୍କ ମଧ୍ୟରେ ହୋଇଥିବା ବିଭାଗ ବଣ୍ଟନ ପରିପ୍ରେକ୍ଷୀରେ ଆଜି ବିଭିନ୍ନ ମନ୍ତ୍ରୀ ସେମାନଙ୍କର ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଅମିତ ଶାହା ସ୍ୱରାଷ୍ଟ୍ର ତଥା ସମବାୟ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଥିବା ବେଳେ କିରଣ ରିଜିଜୁ ସଂସଦୀୟ ବ୍ୟାପାର ଏବଂ ସଂଖ୍ୟାଲଘୁ ବିଭାଗର ଦାୟିତ୍ୱ ଗ୍ରହଣ କରିଛନ୍ତି । ସେହିଭଳି ଶିବରାଜ ସିଂ ଚୌହାନ କୃଷି ଏବଂ କୃଷକ କଲ୍ୟାଣ ବିଭାଗ ଦାୟିତ୍ୱ ନେଇଥିବା ବେଳେ ଅଶ୍ୱିନୀ ବୈଷ୍ଣବ ରେଳବାଇ, ସୂଚନା ଓ ପ୍ରସାରଣ, ଇଲେକ୍ଟ୍ରୋନିକ୍ସ ଏବଂ ପ୍ରଯୁକ୍ତି ବିଦ୍ୟା ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ଜ୍ୟୋତିରାଦିତ୍ୟ ସିନ୍ଧିଆ ଦୂରସଂଚାର ମନ୍ତ୍ରଣାଳୟ, ମନୋହରଲାଲ ଖଟର ଶକ୍ତି ବିଭାଗ, ଜିଜେନ୍ଦ୍ର ସିଂ ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ କାର୍ମିକ ଏବଂ ତାଲିମ ମନ୍ତ୍ରଣାଳୟ, ଜୟନ୍ତ ଚୌଧୁରୀ

ସ୍ୱାଧୀନ ରାଷ୍ଟ୍ରମନ୍ତ୍ରୀ ଭାବେ ଦକ୍ଷତା ବିକାଶ ଏବଂ ଉଦ୍ୟୋଗ ମନ୍ତ୍ରଣାଳୟର ଦାୟିତ୍ୱ ଗ୍ରହଣ କରିଛନ୍ତି । ରାମବିଳାସ ପାଶ୍ୱାନଙ୍କ ଏଲ୍‌ଜେପି ପାର୍ଟି ନେତା ଚିରାଗ ପାଶ୍ୱାନ ଆଜି କେନ୍ଦ୍ର ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପମନ୍ତ୍ରୀ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ।

## ଯୋଗ ଦିବସ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯୋଗ ହେଉଛି ଏକ କାଳଜୟୀ ଅଭ୍ୟାସ, ଯାହା ଏକତା ଏବଂ ସୌହାର୍ଦ୍ଦ୍ୟକୁ ପାଳନ କରେ । ବିଭିନ୍ନ ସଂସ୍କୃତି ଓ ଭୌଗୋଳିକ କ୍ଷେତ୍ରକୁ ଯୋଡ଼ିବାରେ ଯୋଗର ଉଲ୍ଲେଖନୀୟ ଅବଦାନ ଉପରେ ଆଲୋକପାତ କରି ଶ୍ରୀ ମୋଦୀ କହିଛନ୍ତି ଯୋଗ ସମଗ୍ର ବିଶ୍ୱରେ ଲକ୍ଷଲକ୍ଷ ଲୋକଙ୍କ ସାମଗ୍ରିକ କଲ୍ୟାଣ ପାଇଁ ଏକାଠି କରିଛି । ଯୋଗକୁ ନିଜ ଜୀବନର ଏକ ଅବିଚ୍ଛେଦ୍ୟ ମାଧ୍ୟମ କରିବା ସହ ଅନ୍ୟମାନଙ୍କୁ ଏଥିପାଇଁ ପ୍ରୋତ୍ସାହିତ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଛନ୍ତି ।

ଦଶମ ଅନ୍ତର୍ଜାତୀୟ ଯୋଗ ଦିବସ ପାଳନକୁ ଆଉ କିଛିଦିନ ବାକି ଥିବା ବେଳେ ଏହା ପୂର୍ବରୁ ବିଶ୍ୱସ୍ତରରେ ଏଥିପାଇଁ ଉତ୍ସାହ ସୃଷ୍ଟି କରିବା ଲକ୍ଷ୍ୟରେ ସାମାଜିକ ଗଣମାଧ୍ୟମରେ ପୋଷ୍ଟ କରି ପ୍ରଧାନମନ୍ତ୍ରୀ ଏହା କହିଛନ୍ତି । ସେ କହିଛନ୍ତି ଯୋଗ ଶାନ୍ତି ଏବଂ ଧୈର୍ଯ୍ୟର ସହିତ ଜୀବନର ଆହ୍ୱାନ ଗୁଡ଼ିକର ମୁକାବିଲା କରିବାରେ ସହାୟକ ହୋଇଥାଏ ।

ସାମାଜିକ ଗଣମାଧ୍ୟମ ଏକ୍ସ ରେ ବିଭିନ୍ନ ଆସନ ଏବଂ ଏହାର ଫାଇଦା ସଂପର୍କରେ ମାର୍ଗଦର୍ଶନ ଦେବା ପାଇଁ ଶ୍ରୀ ମୋଦୀ ଏକ ଭିଡ଼ିଓ ମଧ୍ୟ ଶେୟାର କରିଛନ୍ତି । ଏହି ଭିଡ଼ିଓ ଲୋକମାନଙ୍କୁ ନିୟମିତ ଯୋଗ ଅଭ୍ୟାସ କରିବାକୁ ପ୍ରେରଣା ଦେବ ବୋଲି ସେ ଆଶା ବ୍ୟକ୍ତ କରିଛନ୍ତି ।

ସୂଚନାଯୋଗ୍ୟ ପ୍ରତିବର୍ଷ ଜୁନ୍ ୨୧ ତାରିଖକୁ ଅନ୍ତର୍ଜାତୀୟ ଯୋଗ ଦିବସ ଭାବେ ପାଳନ କରାଯାଏ ।

## ଏସ୍‌ସି-ନିଟ୍

ନିଟ୍ ୟୁଜି-୨୦୨୪ ଫଳ ଆଧାରରେ ଚାଲିଥିବା ଡାକ୍ତରୀ ନାମଲେଖା କାଉନ୍‌ସେଲିଂ ପ୍ରକ୍ରିୟା ଉପରେ ଅନ୍ତରିଣ ରହିତାଦେଶ ଦେବାକୁ ସୁପ୍ରିମକୋର୍ଟ ମନା କରିଦେଇଛନ୍ତି । ଏ ନେଇ ଆଗତ ଏକ ମାମଲାର ଶୁଣାଣି କରି ସୁପ୍ରିମକୋର୍ଟ ଏନ୍‌ଟିଏ ଏବଂ ଅନ୍ୟ ପକ୍ଷମାନଙ୍କୁ ନୋଟିସ୍ ଜାରି କରିଛନ୍ତି । ଆସନ୍ତା ମାସ ୮ ତାରିଖରେ ଏହି ମାମଲାର ପରବର୍ତ୍ତୀ ଶୁଣାଣି କରାଯିବାକୁ ଦିନ ଧାର୍ଯ୍ୟ କରାଯାଇଛି । ଗତ ମଇ ୫ ତାରିଖରେ ହୋଇଥିବା ଏହି ପରୀକ୍ଷାରେ ଅନିୟମିତତା ଅଭିଯୋଗ ଏବଂ ଏ ସଂକ୍ରାନ୍ତରେ ତ୍ୱରିତ ତଦନ୍ତ କରାଯିବା ସହ ସାନି ପରୀକ୍ଷା ପାଇଁ ଆଶାୟୀ ଛାତ୍ରଛାତ୍ରୀଙ୍କ ତରଫରୁ ଏହି ମାମଲା ସୁପ୍ରିମକୋର୍ଟରେ ଦାଖଲ ହୋଇଛି ।

## ଏମ୍‌ପି-ସିଏମ୍

ମଧ୍ୟପ୍ରଦେଶରେ ମୋହନ ଯାଦବ ସରକାର ଆସନ୍ତାକାଲି ୬ ମାସ ପୂରଣ କରିବ । ୨୦୨୩ ଡିସେମ୍ବର ୧୩ ତାରିଖରେ ଏହି ସରକାର ଦାୟିତ୍ୱ ଗ୍ରହଣ କରିଥିଲା । ଏହି ପରିପ୍ରେକ୍ଷୀରେ ରାଜ୍ୟ ମୁଖ୍ୟମନ୍ତ୍ରୀ ଡକ୍ଟର ମୋହନ ଯାଦବ ତାଙ୍କ ସରକାରର ସଫଳତା ପ୍ରକାଶ କରିଛନ୍ତି । ରାଜ୍ୟରେ ରାସ୍ତା ନିର୍ମାଣ ବା ବିକାଶ କାର୍ଯ୍ୟରେ କୌଣସି ବୃକ୍ଷ କଟା ନ ଯାଇ ଏହାକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ସରକାର ନିଷ୍ପତ୍ତି ନେଇଥିବା ସେ ସୂଚନା ଦେଇଛନ୍ତି । ମଧ୍ୟପ୍ରଦେଶ ଧାର୍ମିକ ପର୍ଯ୍ୟଟନ ବୋର୍ଡ ଆସନ୍ତା ୧୩ ତାରିଖରୁ ରାଜ୍ୟରେ ପି.ଏମ୍.ଶ୍ରୀ ପର୍ଯ୍ୟଟନ ବିମାନ ସେବା ଏବଂ ଉଜ୍ଜୟିନୀ-ଓମ୍‌କାରେଶ୍ୱର-ଇନ୍ଦୋର-ଭୋପାଲ ମଧ୍ୟରେ ଆସନ୍ତା ୧୬ ତାରିଖରୁ ପି.ଏମ୍.ଶ୍ରୀ ଧାର୍ମିକ ପର୍ଯ୍ୟଟନ ହେଲିକପ୍ଟର ସେବା ଆରମ୍ଭ କରିବ। ପି.ଏମ୍.ଶ୍ରୀ ପର୍ଯ୍ୟଟନ ବିମାନ ସେବା ୱେବ୍‌ସାଇଟ୍ ଉଦ୍‌ଘାଟନ କରିବା ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ଯାଦବ ଏହି ସୂଚନା ଦେଇଛନ୍ତି ।

## ଜାମ୍ମୁ କାଶ୍ମୀର-ଟେରୋର୍ ଆଟାକ୍

ତୀର୍ଥ ଯାତ୍ରୀ ବସ୍ ଉପରେ ଆତଙ୍କବାଦୀ ଆକ୍ରମଣ ଘଟଣା ପରେ ଜାମ୍ମୁ କାଶ୍ମୀରରେ ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯିବା ସହ ନିରାପତ୍ତା

ବାହିନୀ ପକ୍ଷରୁ ଯାଞ୍ଚ କାର୍ଯ୍ୟ ଜୋର୍‌ସୋରରେ ଚାଲିଛି । ରବିବାର ରିଏସି ଜିଲ୍ଲାରେ ଆତଙ୍କବାଦୀମାନେ ଏକ ବସ୍ ଉପରକୁ ଗୁଳି ଚଳାଇବା ଫଳରେ ଦୁର୍ଘଟଣା ଘଟି ୯ଜଣ ଶ୍ରଦ୍ଧାଳୁଙ୍କ ମୃତ୍ୟୁ ଘଟିବା ସହ ୪୧ ଜଣ ଆହତ ହୋଇଥିଲେ । ଏହି ଘଟଣାରେ ସୁରକ୍ଷା କର୍ମୀମାନେ ୨୦ରୁ ଅଧିକ ସନ୍ଦିଗ୍ଧଙ୍କୁ ଆଣି ପଚରା ଉଚରା ଚଳାଇଛି । ଜାତୀୟ ତଦନ୍ତ ଏଜେନ୍ସି – ଏନ୍.ଆଇ.ଏ., ରାଜ୍ୟ ତଦନ୍ତ ଏଜେନ୍ସୀ – ଏସ୍.ଆଇ.ଏ. ଏବଂ ଫୋରେନ୍‌ସିକ୍ ବିଭାଗ ଘଟଣା ସ୍ଥଳରେ ସ୍ଥିତି ଅନୁଧ୍ୟାନ କରିବା ସହ ମିଳିତ ଭାବେ ଏହି ଆତଙ୍କବାଦୀ ଆକ୍ରମଣ ଘଟଣାର ତଦନ୍ତ କରୁଛନ୍ତି ।

ଆକାଶବାଣୀର ଜାମ୍ମୁ ସମ୍ବାଦଦାତାଙ୍କୁ ସୂଚନା ଅନୁସାରେ ରାଜୌରୀ ଜିଲ୍ଲାରେ ନିରାପତ୍ତାବଳ ପକ୍ଷରୁ ହାଇ ଆର୍ଲଟ୍ ଜାରି କରାଯାଇଛି । ଜାମ୍ମୁ କାଶ୍ମୀରରେ ଆତଙ୍କବାଦୀ କାର୍ଯ୍ୟକଳାପକୁ ଦୃଢ଼ହସ୍ତରେ ଦମନ ପାଇଁ ନିରାପତ୍ତା ବାହିନୀ ବିଭିନ୍ନ ଅଞ୍ଚଳକୁ ଘେରି ରହିଥିବା ବେଳେ ସମସ୍ତ ସନ୍ଦିଗ୍ଧ ବ୍ୟକ୍ତିଙ୍କ ଉପରେ ନଜର ରଖିଛନ୍ତି ।

## ଆଇଏମ୍‌ଡି

ଦେଶର ବିଭିନ୍ନ ଭାଗରେ ଗ୍ରୀଷ୍ମ ପ୍ରବାହ ଜାରି ରହିଛି । ଆସନ୍ତା ୩ରୁ ୪ ଦିନ ପର୍ଯ୍ୟନ୍ତ ଉତ୍ତରପ୍ରଦେଶ, ହରିଆନା ଏବଂ ଦିଲ୍ଲୀ ସମେତ ଦେଶର ପୂର୍ବାଞ୍ଚଳ ଏବଂ ଉତ୍ତର ପଶ୍ଚିମାଞ୍ଚଳରେ ଅତ୍ୟଧିକ ଗ୍ରୀଷ୍ମ ପ୍ରବାହ ଲାଗି

ରହିବ । ବିଭିନ୍ନ ସ୍ଥାନରେ ତାପମାତ୍ରା ୪୩ ଡିଗ୍ରୀରୁ ୪୫ ଡିଗ୍ରୀ ପର୍ଯ୍ୟନ୍ତ ରହିବାର ପୂର୍ବାନୁମାନ କରିଛି ପାଣିପାଗ ବିଭାଗ । ଏବେ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଦକ୍ଷିଣ ଗୁଜରାଟ, ସମଗ୍ର କୋଙ୍କଣ ଅଞ୍ଚଳ ଏବଂ ମହାରାଷ୍ଟ୍ରର କେତେକ ଅଞ୍ଚଳକୁ ପ୍ରବେଶ କରିଛି । ଏହାର ପ୍ରଭାବରେ କେରଳ ଉପକୂଳ, କର୍ଣ୍ଣାଟକ ଏବଂ କୋଙ୍କଣ ଅଞ୍ଚଳରେ ଭାରି ବର୍ଷା ହେବାର ସମ୍ଭାବନା ରହିଛି ବୋଲି ପାଣିପାଗ ବିଭାଗରୁ ସୂଚନା ମିଳିଛି ।